୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.199 Bhubaneswar Sunday September 15 2024 | ୨୬ତମ ବର୍ଷ ସଂଖ୍ୟା–୧୯୯ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## 'ସୁଭଦ୍ରା' ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ସ୍କୁଲ୍, କଲେଜ ଛୁଟି

ଭୁବନେଶ୍ୱର,୧୪।୯(ପି.ଏନ): ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ଉପଲକ୍ଷେ ଆସନ୍ତା ୧୭ତାରିଖ ମଙ୍ଗଳବାର ଦିନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ଅଫିସ୍, ମାଜିଷ୍ଟ୍ରେଟ୍ କୋର୍ଟ ଛୁଟି ରହିବ । ତେବେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନ ମଙ୍ଗଳବାର ସମ୍ପୂର୍ଣ୍ଣ ଛୁଟି ରହିବ । ଆଜି ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା 'ସୁଭଦ୍ରା' ଯୋଜନା ଉପଲକ୍ଷେ ରାଜ୍ୟ ସରକାର ଆସନ୍ତା ୧୭ତାରିଖ(ମଙ୍ଗଳବାର) ଦିନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ସମସ୍ତ ସରକାରୀ ଅଫିସ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ)କୁ ଛୁଟି ଘୋଷଣା କରିଛନ୍ତି ।



## ମଝି ଚିଲିକାରେ ଫସିଥିବା ଡଙ୍ଗା ଉଦ୍ଧାର, ଡଙ୍ଗାରେ ଥିଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ

ଭୁବନେଶ୍ୱର,୧୪।୯(ପି.ଏନ): ମଝି ଚିଲିକାରେ ଫସିଥିବା ଡଙ୍ଗାରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଏହା ସହ ୧୫ଟି ବାଇକ୍ ମଧ୍ୟ ଉଦ୍ଧାର ହୋଇଛି । ମଝି ଚିଲିକାରେ ଫସିଥିବା ଡଙ୍ଗା ବିଷୟରେ ଖବର ପାଇ ଅନ୍ୟ ଏକ ଡଙ୍ଗା ଯାତ୍ରୀଙ୍କୁ ଉଦ୍ଧାର କରିଥିଲା ।ସୂଚନାରୁ ପ୍ରକାଶ ସକାଳ ୭ଟାରେ ସାତପଡାରୁ ଜହ୍ନିକୁଦା ଘାଟକୁ ଯାଉଥିବା ସମୟରେ ଏହି ଅଘଟଣା ଘଟିଥିଲା । ମଏଁସା ଗାଁ



ନିକଟରେ ଡଙ୍ଗାଟି ଫସିରହିଥିଲା । ଏହି ଡଙ୍ଗା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ସମେତ ୧୫ଟି ବାଇକ ନେଇ ଯାଉଥିଲା ।

## ମହାପ୍ରଭୁଙ୍କ ଜମିରେ ବେଆଇନ ଖଣି ଉତ୍ତୋଳନ କରୁଥିବା ଲୋକଙ୍କ ବିରୋଧରେ ହେବ ମାମଲା

ପୁରୀ,୧୪।୯(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ବେଆଇନ ଖଣି ଉତ୍ତ ?ାଳନ କରୁଥିବା ଖଣି ମାଲିକଙ୍କ ବିରୋଧରେ ହେବ ମାମଲା ରୁଜୁ । ଖୋର୍ଦ୍ଧା ଜିଲ୍ଲାରେ ଥିବା ପଥର ଖଣିଗୁଡିକରେ ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣ ଉତ୍ତୋଳନ ଓ ବେଆଇନ୍ ଉତ୍ତୋଳନ ସଂକ୍ରାନ୍ତରେ ମାମଲା ରୁଜୁ କରିବାକୁ ଖୋର୍ଦ୍ଧା ଏସପିଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁଙ୍କ ଜମି ଉପରେ ଥିବା ନିର୍ମାଣ ପଥର ଓ ମାଙ୍କଡ଼ା ପଥର ଖଣି ଲିଜଧାରୀମାନଙ୍କୁ ଧାର୍ଯ୍ୟ ପରିମାଣଠାରୁ ଅଧିକ ଉତ୍ତୋଳନ ସଂକ୍ରାନ୍ତରେ ଏହା ପୂର୍ବରୁ ନୋଟିସ୍ କରାଯାଇଥିଲା । ହେଲେ ସେମାନଙ୍କ ମଧ୍ୟରୁ କେତେକ ଲିଜଧାରୀ ଜରିମାନା



ଦାଖଲ କରିନାହାନ୍ତି । ସେମାନେ ସ୍ଥାନୀୟ ମାଫିଆଙ୍କ ସହ ହାତ ମିଳାଇ ବେଆଇନ୍ ଉତ୍ତୋଳନ କରୁଛନ୍ତି । ଏହାଦ୍ୱାରା ମହାପ୍ରଭୁଙ୍କ ରାଜସ୍ୱ କ୍ଷତି ହେଉଥିବା ମୁଖ୍ୟ ପ୍ରଶାସକ ଚିଠିରେ ଉଲ୍ଲେଖ କରିଛନ୍ତି । ଏହା ଭିତରେ କ୍ଷମତା ସମ୍ପନ୍ନ ଅଧିକାରୀ, ସମ୍ପୃକ୍ତ ଖିଲାପି ଲିଜଧାରୀଙ୍କ ଲିଜ୍ ମଧ୍ୟ ରଦ୍ଦ କରାଯାଇଛି । ଭବିଷ୍ୟତରେ କୌଣସି ନିଲାମରୁ ବାଦ୍ ଦେବା ପାଇଁ ସେମାନଙ୍କୁ କଳାତାଲିକା ଭୁକ୍ତ ମଧ୍ୟ କରାଯାଇଛି ।ଏହା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଖିଲାପି ଲିଜଧାରୀଙ୍କ ବିରୋଧରେ ଖୋର୍ଦ୍ଧା ସଦର ଥାନାରେ ଏତଲା ଦାୟର କରାଯାଇଛି ।

### ମାଆର ଗଳାକାଟି ହତ୍ୟା କଲେ ୨ ନୃଶଂସ ପୁଅ, ଘରେ ପଡ଼ିଛି ରକ୍ତାକ୍ତ ମୃତଦେହ

କଟକ,୧୪।୯(ପି.ଏନ): ମାଆର ଗଳାକାଟି ହତ୍ୟା କଲେ ୨ ନୃଶଂସ ପୁଅ । ୨ ପୁଅ ହତ୍ୟା କରିଥିବା ନେଇ ଚାଉଳିଆଗଞ୍ଜ ଥାନା ପୋଲିସ ପକ୍ଷରୁ ସୂଚନା । ମହାନଦୀ ବିହାର ସ୍ଥିତ ଘରେ ପଡ଼ି ରହିଛି ରକ୍ତାକ୍ତ ମୃତଦେହ । ଜଣେ ପୁଅ ଫେରାର୍ ଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ପୁଅ ଅଟକ । ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଥାନା ପୋଲିସର ଛାନଭିନ୍ ଜାରି ରହିଛି । ତେବେ କେଉଁ କାରଣ ପାଇଁ ହତ୍ୟା କରିଛନ୍ତି ତାହା ଏବେ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ । ତେବେ ପ୍ରାଥମିକ ରିପୋର୍ଟରୁ ଯାହା ଜଣାପଡ଼ିଛି ତାହା ପାରିପାରିକ କଳହକୁ ନେଇ ଏପରି ହୋଇଥାଇପାରେ ବୋଲି କୁହାଯାଉଛି । ଅନ୍ୟ ପଟେ ଯାହା ସୂଚନା ରହିଛି ତାହା ସମ୍ପତ୍ତି-ବାଡ଼ିକୁ ନେଇ ଏପରି ଜଘନ୍ୟ ହତ୍ୟା କରାଯାଇଥାଇ ପାରେ ବୋଲି କୁହାଯାଉଛି । ହେଲେ ଏନେଇ ପୋଲିସ ପକ୍ଷରୁ ଅଧିକ ସୂଚନା ମିଳି ପାରିନାହିଁ ।

### ମୋବାଇଲ ବ୍ୟବହାର କରିବା ପଡିଲା ମହଙ୍ଗା, ୨ ଜଣ ସସପେଣ୍ଡ

ଭୁବନେଶ୍ୱର,୧୪।୯(ପି.ଏନ): ଆଜିକାଲି ସମସ୍ତଙ୍କୁ ମୋବାଇଲ ନିଶା । ଅନ୍ ଡ୍ୟୁଟି ଥିବା ବେଳେ ଜେଲରେ ମୋବାଇଲ ବ୍ୟବହାର କରିବା ପଡିଲା ମହଙ୍ଗା । ଏନେଇ ଉକ୍ତ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କରଞ୍ଜିଆରେ । କରଞ୍ଜିଆ ଉପ କାରାଗାରର ଦୁଇ ଜଣ ୱାର୍ଡର ସ୍ୱାଗତ ରଥ ଓ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ସସପେଣ୍ଡ କରାଯାଇଛି । ଉଭୟଙ୍କ ସସପେନସନ୍ ସହ ହେଡ୍ କ୍ୱାର୍ଟର୍ସର ପରିବର୍ତ୍ତନ ନିର୍ଦ୍ଦେଶ ଦେଇଛନ୍ତି ବାରିପଦା ସର୍କଲ ଜେଲ ବରିଷ୍ଠ ସୁପରିଣ୍ଟେଡେଣ୍ଟ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର,୧୪।୯(ପି.ଏନ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କ ସଂସଦୀୟ କ୍ଷେତ୍ରରେ ୪ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ସହଯୋଗ ଲୋଡିଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ସମସ୍ତ ୪ଟି ପ୍ରକଳ୍ପ ପାଇଁ ଆବଶ୍ୟକ କାର୍ଯ୍ୟ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ମା' ଉଗ୍ରତାରା ପୀଠର ବିକାଶ ଓ ଜଟଣୀ ତହସିଲର ବିଂଝଗିରିଠାରେ ଜାତୀୟ ଯୋଗ ଓ ନେଚ୍ରପ୍ୟାଥି ଗବେଷଣା ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଜମି, ଭୁବନେଶ୍ୱରର ୪ ନମ୍ବର ମାଛ ମାର୍କେଟକୁ ପଲାସୁଣୀକୁ ସ୍ଥାନାନ୍ତର ଏବଂ ଭୁବନେଶ୍ୱରରେ ନ୍ୟାସନାଲ ଗ୍ୟାଲେରୀ ଅଫ ମଡର୍ଣ୍ଣ ଆର୍ଟର ଆଂଚଳିକ ଶାଖା ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ଭଳି ୪ଟି ପ୍ରସଙ୍ଗରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।ମୁଖ୍ୟମନ୍ତ୍ରୀ ଶ୍ରୀ



ମାଝୀଙ୍କୁ ଲୋକସେବା ଭବନରେ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ସେ ଆଜି ନିଜର ସହଯୋଗୀମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଲୋଚନା ବେଶ୍ ଭଲ ରହିଛି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ସହ ଜଡିତ ୪ଟି ପ୍ରକଳ୍ପ ଉପରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହା ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ତୁରନ୍ତ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି । ଏହାସହିତ ଭୁବନେଶ୍ୱର ସହରରେ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି । ଡ୍ରେନେଜ୍ ସମସ୍ୟାର ସାମାଧାନ ପାଇଁ ଅର୍ଥାଭାବ ଓ ବିଭାଗଗୁଡିକ ମଧ୍ୟରେ ସାମଞ୍ଜସ୍ୟ ରହୁନି । ତେଣୁ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ଆଉଥରେ ଅଫିସରମାନଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା କରିବେ ବୋଲି କହିଛନ୍ତି ।

## ଆରଜି କର ମେଡିକାଲ କଲେଜ ପୂର୍ବତନ ପ୍ରିନ୍ସପାଲ ସନ୍ଦୀପ ଘୋଷ ଗିରଫ

କୋଲକାତା,୧୪।୯(ପି.ଏନ): ଆରଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନସପାଲ ସନ୍ଦୀପ ଘୋଷ ଗିରଫ । ସିବିଆଇ କଲା ଗିରଫ । ଜୁନିୟର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ସନ୍ଦୀପ ଘୋଷଙ୍କୁ ଗିରଫ କରିଛି ସିବିଆଇ । ଦୁଷ୍କର୍ମ ଓ ହତ୍ୟାର ପ୍ରମାଣ ନଷ୍ଟ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ଏହାସହ ସ୍ଥାନୀୟ ଥାନାର ଅଧିକାରୀଙ୍କୁ ମଧ୍ୟ ଗିରଫ କରିଛି ସିବିଆଇ ।ଆଗରୁ ମେଡିକାଲ କଲେଜର ଦୁର୍ନୀତି ନେଇ ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା । ଏହି ଘଟଣା ଆରମ୍ଭରୁ ବିବାଦରେ ଥିଲେ ସନ୍ଦୀପ ଘୋଷ । ସେ ବହୁତ ପାୱାର ଫୁଲ ଥିଲେ ଏବଂ ସରକାରଙ୍କ ସହିତ ତାଙ୍କର ଲିଙ୍କ୍ ଥିଲା ବୋଲି ଅଭିଯୋଗ



ହୋଇ ଆସୁଥିଲା । ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ପ୍ରଥମେ ସେ ଆରଜି କର ମେଡିକାଲ କଲେଜର ପ୍ରିନ୍ସପାଲ ପଦରୁ ଇସ୍ତଫା ଦେଇଥିଲେ । ପରେ ଆଉ ଏକ ମେଡିକାଲ କଲେଜର ଅଧକ୍ଷ ଭାବେ ତାଙ୍କୁ ଅବସ୍ଥାପିତ କରାଯାଇଥିଲା । ଏହାକୁ ନେଇ ତେଜିଥିଲା ଡାକ୍ତରଙ୍କ କ୍ଷୋଭ । ଆନ୍ଦୋଳନ ଜୋରଦାର ହୋଇଥିଲା । ପରେ ଆସିଥିଲା ଦୁର୍ନୀତି କଥା ଓ ତାଙ୍କୁ ସିବିଆଇ ଗିରଫ କରିଥିଲା । ଏବେ ସିଧା ଦୁଷ୍କର୍ମ ଓ ହତ୍ୟା ମାମଲା ଲିଙ୍କରେ ସନ୍ଦୀପ ଘୋଷଙ୍କୁ ଦ୍ୱିତୀୟ ଥର ଗିରଫ କରିଛି ସିବିଆଇ ।

## ଘଡ଼ିକୁ ଘଡ଼ି ବଦଳୁଛି ମୁଖ୍ୟମନ୍ତ୍ରୀଙ୍କ କଥା: ଆଜି କହି କାଲିକୁ ୟୁଟର୍ଣ୍ଣ

ଭୁବନେଶ୍ୱର,୧୪।୯(ପି.ଏନ): ନିଜ କଥାରେ କାଏମ ରହୁନାହାଁନ୍ତି ମୁଖ୍ଯମନ୍ତ୍ରୀ ମୋହନ ମାଝୀ । ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେଉ କି ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର । ଗତକାଲି ମଦ କୁଡିଆ । ଆଜି କଥା କାଲିକୁ ରହୁନି । ମୁଖ୍ଯମନ୍ତ୍ରୀ ମୋହନ ମାଝୀ ଦଳୀୟ ବିଧାୟକ ହୁଅନ୍ତୁ କିମ୍ବା ଲୋକଙ୍କ ଚାପରେ ବୟାନ ବଦଳାଇବାକୁ ବାଧ୍ଯ ହେଉଛନ୍ତି । ଏହାକୁ ନେଇ ଆଜି ସାମ୍ବାଦିକ ସମ୍ମିଳନୀ କରି ବର୍ଷିବା ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଦାବି କରିଛି ବିଜେଡି । ଆନ୍ତରିକତା ଅଛି କି ନାହିଁ କେନ୍ଦ୍ରକୁ ଚିଠି



ଲେଖି ପ୍ରମାଣ କରିବାକୁ ୨୪ ଘଣ୍ଟାର ମହଲତ ଦେଇଛି । ନିଜ ପଦବୀର କିପରି ମର୍ଯ୍ୟାଦା ରଖି ନିଜ ନିଷ୍ପତ୍ତିରେ କିପରି କାଏମ ରହିବ ସେହି କୌଶଳ ନବୀନଙ୍କଠାରୁ ଶିଖିବାକୁ ପରାମର୍ଶ ଦେଇଛି ବିଜେଡି ।

## କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ

### ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି: ରାଜ୍ୟପାଳ

ଭୁବନେଶ୍ୱର, ୧୪।୯(ପି.ଏନ): ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି ବୋଲି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଆଜି କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଲେ, ଯୁବଶକ୍ତି ହେଉଛି ଭବିଷ୍ୟତର ମୂଳଦୁଆ । ଏହି ଯୁବଉର୍ଜା, ଉତ୍ସାହ ଓ ନବସର୍ଜନା ସହ ଭାରତ ଆଜି ବିଶ୍ୱରେ ସଫଳତାର କାହାଣୀ ଲେଖିଚାଲିଛି । ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନ ବାହକ । ଏକ ସମୃଦ୍ଧ ଭାରତ ଗଠନରେ ଯୁବଶକ୍ତିଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି ସେ କହିଥିଲେ । ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ରାଜ୍ୟପାଳ କହିଲେ, ଛାତ୍ରଛାତ୍ରୀଙ୍କ ସଫଳତା ସମାଜର ଅନ୍ୟମାନଙ୍କୁ ଉପରକୁ ଉଠାଇବା ସହ ସମାଜରେ ସାର୍ଥକ ପରିବର୍ତ୍ତନରେ ନିହିତ ରହିଛି । ଏହାକୁ ପ୍ରଥମେ ନିଜ ପରିବାର ଓ ସମାଜରୁ ଆରମ୍ଭ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବାସ୍ତବିକ ଜୀବନରେ ପାଦ ଦେବାବେଳେ ସମାଜର ସବୁଠାରୁ ଗରିବ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜୀବନରେ ଯେତେ ଉପରକୁ ଗଲେ ମଧ୍ୟ ନିଜର ମୂଲ୍ୟବୋଧକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ । ଜୀବନରେ ସର୍ବଦା ଦୟା, ବିନମ୍ରତା ଓ ସାମାଜିକ ଦାୟିତ୍ୱବୋଧ ଆଦି ମୂଲ୍ୟବୋଧ ବଜାୟ



ରଖିବାକୁ ରାଜ୍ୟପାଳ ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ଆଭାସୀ ମାଧ୍ୟମରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ୟୁକ୍ରେନ୍ର ଶାନ୍ତି ନୋବେଲ୍ ବିଜେତା ଓଲେକ୍ସାଣ୍ଡ୍ରା ମାତ୍ଭିଚକ୍ କହିଲେ, ଖୁବ୍ ଅଳ୍ପ ସମୟ ମଧ୍ୟରେ କିଟ୍ ଭାରତ ତଥା ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପ୍ରସିଦ୍ଧି ଲାଭ କରିପାରିଛି । ଏଭଳି ଏକ ଶିକ୍ଷାନୁଷ୍ଠାନ ଗଢ଼ିବା ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ । ଜଣେ ସାଧାରଣ ଲୋକ ସମାଜରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଅସାଧାରଣ କାମ କରିପାରେ ବୋଲି ଏଥିରୁ ପ୍ରମାଣିତ ବୋଲି ସେ କହିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଏଆଇଜି ହସ୍ପିଟାଲ୍ର ଅଧକ୍ଷ ଡ. ଡି. ନାଗେଶ୍ୱର ରେଡ୍ଡୀ, ଆଧ୍ୟାତ୍ମିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀ, ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁନେସ୍ଥିତ କେପିଆଟି ଟେକ୍ନୋଲୋଜିର ସହ-ପ୍ରତିଷ୍ଠାତା କିଶୋର ପାଟିଲ୍ ଏବଂ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଶା ଆଥଲେଟିକ୍ ସଂଘ ଓ ଓଡ଼ିଶା ଫୁଟବଲ୍ ସଙ୍ଘର ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ଗ୍ରହଣ କରି ଡ. ରେଡ୍ଡୀ କହିଲେ, କିଟ୍ ହେଉଛି ସମାଜକୁ ପ୍ରତିଦାନ କ୍ଷେତ୍ରରେ ଏକ ଆଦର୍ଶ ମଡେଲ । ଡ. ଶତପଥୀ ଏହି ସମ୍ମାନ ଗ୍ରହଣ କରି କହିଲେ, ଯେଉଁମାନେ ଦିନେ ସ୍ୱପ୍ନ ଦେଖିବାର କଳ୍ପନା କରି ନଥିଲେ, ଅଚ୍ୟୁତ ସାମନ୍ତ ଆଜି ସମାଜର ସେହି ଅବହେଳିତ ବର୍ଗଙ୍କ ମଧ୍ୟରେ ଆଶାର ଆଲୋକ ସୃଷ୍ଟି କରିପାରିଛନ୍ତି । ଶ୍ରୀ ପାଟିଲ କହିଲେ, କିଟ୍ ଓ କିସ୍ ହେଉଛି ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ । କିଟ୍ର ଏହି ସମ୍ମାନ ମୋତେ ଆଗକୁ ଆହୁରି ଅଧିକ କାମ କରିବାକୁ ପ୍ରେରଣା ଯୋଗାଇବ । ଶ୍ରୀ ବେହେରା ତାଙ୍କର ଏହି ସମ୍ମାନକୁ ସମଗ୍ର କ୍ରୀଡ଼ା ଜଗତକୁ ଉତ୍ସର୍ଗ କରିଥିଲେ ।ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ ପରିଜା ନିଜ ସଭାପତିତ୍ୱ ଅଭିଭାଷଣରେ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରତୀକ ହେଉଛି କିଟ୍ ବିଶ୍ୱବିଦ୍ୟାଳୟ ବୋଲି କହିଥିଲେ । କୁଳପତି ପ୍ରଫେସର ଶରଣଜିତ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ଚଳିତବର୍ଷ ମୋଟ ୭୨୮୩ ଛାତ୍ରଛାତ୍ରୀ ଡିଗ୍ରୀ ପାଇଥିବା ବେଳେ ୫୪୫୫ଜଣଙ୍କୁ ସ୍ନାତକ, ୧୫୯୭ ଜଣଙ୍କୁ ସ୍ନାତକୋତ୍ତର ଓ ୧୮୬ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ୫୯ଜଣ ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରାଯାଇଥିଲା । ୩ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୨୬ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୨୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ସେହିପରି ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମୃତି ସ୍ୱର୍ଣ୍ଣ ପଦକଳ ପିପିଏଲ୍ ସ୍ୱର୍ଣ୍ଣ ପଦକ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ର ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, ପ୍ରାକ୍ତନ କୁଳାଧିପତି ପ୍ରଫେସର ଏନ୍ ଏଲ୍ ମିତ୍ର, ପ୍ରଫେସର ବେଦ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋହନ ସରକାରଙ୍କ ଫୋକସରେ ମହିଳାଙ୍କ ପରେ ଚାଷୀ: ବିନା ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ

ଭୁବନେଶ୍ୱର,୧୪।୯(ପି.ଏନ): ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଚାଷୀଙ୍କ ଆସ୍ଥାଭାଜନ ହେବା ପାଇଁ ବ୍ୟାପକ କସରତ ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆସନ୍ତା ୧୭ତାରିଖରେ ମହିଳାଙ୍କ ପାଇଁ ନିଜର ମହତ୍ୱାକାଂକ୍ଷୀ 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିବାକୁ ଯାଉଥିବା ମୋହନ ମାଝୀଙ୍କ ସରକାର ଖୁବଶୀଘ୍ର ଚାଷୀଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଫସଲ ଋଣ ଯୋଗାଇ ଦେବେ । ଅର୍ଥାତ୍ ଚାଷୀଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ କୌଣସି ସୁଧ ଦେବାକୁ ପଡିବ ନାହିଁ । କେବଳ ସେତିକି ନୁହେଁ ଚାଷୀଙ୍କ ସ୍ୱାର୍ଥସହ ଜଡିତ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ମୋହନ ମାଝୀଙ୍କ ସରକାର ୧୦୦ଦିନିଆ ଆକ୍ସନପ୍ଲାନକୁ କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି ।ଶାସକ



ବିଜେପି ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ଧାନ ସଂଗ୍ରହ ପ୍ରକ୍ରିୟାରେ କଟନୀଛଟନୀର ମୂଳପୋଛ ପାଇଁ ଖୁବଶୀଘ୍ର ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଜିଓର(ଏସଓପି) ଘୋଷଣା କରିବେ । ଚଳିତ ଖରିଫ ଋତୁରେ ଧାନ ସଂଗ୍ରହବେଳେ ଏହି କଟନୀଛଟନୀ ଯେଭଳି ନରହିବ ତାହା ସୁନିଶ୍ଚିତ କରିବାକୁ ରାଜ୍ୟର ବିଜେପି ସରକାର ପଦକ୍ଷେପ ନେଇଛି । ସେହିପରି ଚାଷୀଙ୍କୁ ଦିଆଯାଉଥିବା ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲଋଣର ପରମାଣକୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।୨ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ଚାଷୀଙ୍କୁ ୨% ସୁଧ ଦେବାକୁ ପଡିବ ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେଷ୍ଟ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା

ରାମଙ୍କ ଶିବଧନୁ ଭଙ୍ଗା କଲାପରେ ସୀତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶ୍ରୁତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।



## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ



ଗୋସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'। ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାୟୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷୋତ୍ତମମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

# ଆମ ପରିବେଶ ଓ ଆମ ଜୀବନ



ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି। ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ : ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି। ଏହା ବାଦେ ଆଉ ଦୁଇଟି ପରିବେଶ ଅଛି : ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଡ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁ ରୋଗର କାରଣ।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି। ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି। ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ। ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା - ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦ୍ୟୁଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲ ଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି। ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀ ପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହା ପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ।

ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ସମାଜସେବୀ ପ୍ରସନ୍ନ ସାମନ୍ତସିଂହାରଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଲେନ୍ ନଂ.୨ର ଇଂ. ପ୍ରସନ୍ନ କୁମାର ସାମନ୍ତସିଂହାରଙ୍କର ଗତ "ମହାବିଦ୍ୟାଳୟ ଅମାବାସ୍ୟା ପୂଣ୍ୟତିଥିରେ ପରଲୋକ ହୋଇଥିଲା। ଗତକାଲି ତାଙ୍କର ଦ୍ୱାଦଶାହ ତିଥିରେ ଏକ ସ୍ମୃତିସଭା ଅଂଜୁଶ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସ୍ମୃତିଚାରଣ କରାଯାଇଥିଲା। ମୂଳଗ୍ରାମ କୁହୁଡ଼ିରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସାମନ୍ତସିଂହାର ଚାକିରୀ କାଳରେ ଜଣେ ଦକ୍ଷ ଇଂଜିନିୟର ଭାବେ ସୁନାମ ଅର୍ଜନ କରିଥିଲେ। ଅବସର ପରେ କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ପୃଷ୍ଠପୋଷକ ତଥା ଜଣେ ସମାଜସେବୀ ରୂପେ ପରିଚିତ ଥିଲେ। ସେ କୁଂଜ ବିହାରୀ ମନ୍ଦିର କମିଟିର ସଦସ୍ୟଥିଲେ। କଳିଙ୍ଗ ପାଇକ ସଂଗଠନର ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ଅତିଥିମାନଙ୍କର ପରିଚୟ ଦେଇଥିଲେ।ନାଚୁଣୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବର୍ଷିଆନ ଶିକ୍ଷକନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ଗଡ଼ମାଣତୀର ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ଜେନା, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ମଂଚାସୀନ ଥାଇ ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବୈଦ୍ୟନାଥ ବରାଳ, ବିକ୍ରମ ଚମ୍ପତି, ଧରଣୀଧର ଛୋଟରାୟ, ଅନନ୍ତ ମଙ୍ଗରାଜ, ବିଶ୍ୱନାଥ ଜେନା, ସବିତା ଦେବୀ, ପତ୍ନୀ ପୂର୍ଣ୍ଣଲକ୍ଷ୍ମୀ ସାମନ୍ତସିଂହାର, କିଶୋର ଚନ୍ଦ୍ର ପରମଗୁରୁ, ଦୟାନିଧି ରାଉତରାୟ, ଅନସୂୟା ସାମନ୍ତରାୟ, ଅଟଳ ସାମନ୍ତ, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ତାଙ୍କର ବହୁମୁଖୀ ଗୁଣାବଳୀ ବର୍ଣ୍ଣନା କରିଥିଲେ। ବିଦ୍ୟାଧର ରାଉତରାୟ ଧନ୍ୟବାଦ ଦେଇଥିଲେ। ପୁତ୍ର ପ୍ରିୟଦର୍ଶୀ ସାମନ୍ତସିଂହାର, ପ୍ରଦୀପ ସାମନ୍ତସିଂହାର ଓ ପ୍ରଶାନ୍ତ ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟୁଟି ପାର୍ଲର ଭିତରେ ସ୍ତ୍ରୀକୁ ହାଣିଲା ସ୍ୱାମୀ

ବାଲେଶ୍ୱର (ପିଏନ୍)-ପାରିବାରିକ ସମସ୍ୟାକୁ ନେଇ କରୁଣ ପରିଣତି। ସ୍ତ୍ରୀକୁ କଟୁରୀରେ ହାଣି ଥାନାରେ ଆତ୍ମସମର୍ପଣ କଲା ସ୍ୱାମୀ। ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହେଲା ସ୍ତ୍ରୀ। ସୂଚନା ଅନୁଯାୟୀ ବାଲିଆପାଳ ଥାନା ହାସିମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ସିଂଲା ଥାନା ଅନ୍ତର୍ଗତ ନହଞ୍ଜୀରା ଗ୍ରାମର ଜୟନ୍ତୀ ପ୍ରଧାନଙ୍କୁ ୯ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ସ୍ତ୍ରୀ ଜୟନ୍ତୀ ସ୍ୱାମୀଙ୍କ ପାଖରେ ନ ରହି ବାପଘରେ ରହୁଥିଲା ଏବଂ ସିଂଲା ଥାନା ସମ୍ମୁଖରେ କ୍ରୀଷ୍ଣା ନାମକ ଏକ ବିୟୁଟି ପାର୍ଲର ଖୋଲିଥିଲା। ଏହି ଘଟଣାକୁ ନେଇ ପୂର୍ବରୁ ଉଭୟ ବାଲିଆପାଳ ଏବଂ ସିଂଲା ଥାନାରେ ପୃଥକ ମାମଲା ରହିଛି। ଗତକାଲି ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଏକ କଟୁରୀ ଧରି ବିୟୁଟି ପାର୍ଲର ଭିତରେ ପଶି ଆକ୍ରମଣ କରିଥିଲେ। ପରେ କଟୁରୀ ସହିତ ସିଂଲା ଥାନାରେ ଆତ୍ମସମର୍ପଣ କରିଥିଲା ଅଭିଯୁକ୍ତ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜୟନ୍ତୀକୁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବା ବେଳେ ତେବେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସବୁ ସମୟରେ ମଦ୍ୟପାନ କରି ଜୟନ୍ତୀକୁ ମାରଧାର କରୁଥିବାରୁ ଏହି ବିବାଦ ଉଗ୍ର ରୂପ ଧାରଣ କରିଥିଲା ବୋଲି ସ୍ଥାନୀୟ ସରପଞ୍ଚ ପ୍ରକାଶ କରିଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ଖେଳ
ପର୍ଯ୍ୟବେକ୍ଷକ
Bhubaneswar Sunday September 15 2024 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୧୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ, ୪, ୪୮୪ଟି ମାମଲାର ଫଇସଲା



କଳାହାଣ୍ଡି, (ପି.ଏନ): କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ମାନଙ୍କରେ ଶନିବାର ୨୦୨୪ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଶିରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୧ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧, ୭୫, ୨୫, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ୨୬ ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇଥିଲା । ବିଚାରଯୋଗ୍ୟ ୩୪୪ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଥିଲା । ଏନ.ଆଇ.ଏକ୍ଟ କେସେସ (ଦଫା ୧୩୮) ୮ ଟି ଫଇସଲା କରାଯାଇ ୨୨, ୯୧, ୭୩୫ ଟଙ୍କା ଆଦାୟ କରାଯାଇଥିଲା । ୭ ଟି ବିବାହ ଜନିତ ମକଦ୍ଦମା ଫଇସଲା କରାଯାଇଥିଲା । ୪,୪୭୮ ଟି ରାଜସ୍ୱ ମକଦ୍ଦମା ଫଇସଲା କରାଯାଇ ୨, ୯୦, ୨୯୬ ଟଙ୍କା ଆଦାୟ କରାଯାଇଥିଲା ଓ ୩୫୧ ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୪୮, ୪୯,୪୨୧ ଟଙ୍କା ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ରାଜଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ ପୋକଶୋ ସ୍ମୃତି ଲେଖା ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜୀବ ଲୋଚନ ସାହୁ, ସିନିୟର ସିଭିଲ ଜଜ ସମାପିକା ମହାନ୍ତି, ସିନିୟର ସିଭିଲ ଜଜ ସୁଦୀପ୍ତା ଦେହୁରୀ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ ରଶ୍ମିରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପି. ସୀତା ଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ ଯଦୁମଣି ମିଶ୍ର, ରେଜିଷ୍ଟାର ଶ୍ରୀଦୀପ ମିଶ୍ର ଉପସ୍ଥିତ ଥିଲେ

# ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଥିଲେ କବି ବୈକୁଣ୍ଠନାଥ ପଟ୍ଟନାୟକ




ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ କବି ବୈକୁଣ୍ଠନାଥ ପଟ୍ଟନାୟକ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଦେବେନ୍ଦ୍ରନାଥ ଦାଶ କହିଥିଲେ ଯେ କବି ବୈକୁଣ୍ଠନାଥ ପଟ୍ଟନାୟକ ଓଡ଼ିଆ ସାହିତ୍ୟର ସବୁଜଯୁଗର ଅନ୍ୟତମ ପ୍ରବକ୍ତା ଥିଲେ। ଗାଥା ଓ ଗୀତି କବିତାର ଜଣେ ଅନନ୍ୟ ସ୍ରଷ୍ଟା ଭାବରେ ବୈକୁଣ୍ଠନାଥଙ୍କ ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟ କ୍ଷେତ୍ରରେ ରହିଥିବା ଅବଦାନକୁ ଜନମାନସ ସାଗ୍ରହରେ ଗ୍ରହଣ କରିପାରିଅଛି ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରଣଜିତ୍ କୁମାର ପରିଡ଼ା ଯୋଗଦାନ କରି କହିଥିଲେ ଯେ ବୈକୁଣ୍ଠନାଥ ପଟ୍ଟନାୟକ ଜଣେ ଆଧ୍ୟାତ୍ମବାଦୀ ଓ ରହସ୍ୟବାଦୀ କବି ଭାବରେ ଓଡ଼ିଆ କାବ୍ୟ ସାହିତ୍ୟରେ ପାରଦର୍ଶୀତା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନନୀୟ ବକ୍ତା ଭାବରେ ଦେବଦତ୍ତ ରଥ ଯୋଗଦାନ କରି ଏହି ମହାନ୍ ବ୍ୟକ୍ତିଙ୍କର ବିଭିନ୍ନ ସାରସ୍ୱତ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଡକ୍ଟର ପ୍ରସନ୍ନ କୁମାର ମହାନ୍ତି ନିଜର ଅଭିଭାଷଣରେ କବିଙ୍କର ଜୀବନୀ, ସାରସ୍ୱତ ସାଧନା, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ କ୍ଳିବର ସ୍ୱର ପ୍ରତିଧ୍ୱନିତ ଏବଂ ନିଃସ୍ୱ, ଅବହେଳିତଙ୍କ ପ୍ରତି ସମ୍ବେଦନଶୀଳ ହୃଦୟର ମାର୍ମିକବାଣୀ ତାଙ୍କ କବିତାରେ ଉଚ୍ଚାରିତ ହୋଇଥିଲା ଏ ସଂପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ସଭାମୁଖ୍ୟ ଭାବେ ଦେବେନ୍ଦ୍ର ନାଥ ଦାଶ ଯୋଗଦାନ କରି ପୂର୍ବବତ୍ ଆଲୋଚନା କରିଥିବା ମାନ୍ୟଗଣ୍ୟ ଅତିଥିମାନଙ୍କର ବକ୍ତବ୍ୟରୁ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଆଲୋଚିତ ହୋଇଥିବା ବିଭିନ୍ନ ବିଷୟବସ୍ତୁ ଉପରେ ନିଜର ଅଭିଭାଷଣ ପ୍ରଦାନ କରିବା ସହ ଏକାଡେମୀର କାର୍ଯ୍ୟକ୍ରମକୁ ଭୂୟଂସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରୁ ଏକାଡେମୀ ପକ୍ଷରୁ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ପରିଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସ୍ୱଚ୍ଛତା ହିଁ ସେବା-୨୦୨୪ କାର୍ଯ୍ୟକ୍ରମ ପାଇଁ ପାରାଦୀପ ପୌରପାଳିକାର ପ୍ରସ୍ତୁତି ବୈଠକ

ପାରାଦୀପ,(ପି.ଏନ): ଭାରତ ସରକାର ଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ପୌରପାଳିକା ପକ୍ଷରୁ ସମସ୍ତ ୱାର୍ଡ ମାନଙ୍କରେ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା ପାଇଁ ଶନିବାର ଦିନ ପୌର ପ୍ରଶାସନିକ ଭବନ ର ସଭାଗୃହ ରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ବୈଠକରେ ପୌରପାଳିକା ର କର୍ମଚାରୀ ମାନେ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ତେବେ ଚଳିତ ବିଶ୍ୱକର୍ମା ପାର୍ବଣ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୧୬ ତାରିଖ ଦିନ ବଡପଡ଼ିଆ ପୂଜା ମଣ୍ଡପ ଠାରୁ ଆରମ୍ଭ ହେବ ବୋଲି ଜଣାପଡିଛି। ଏହି ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ରେ ପୌର କର୍ମଚାରୀ ଙ୍କ ସମେତ ପାରିଷଦ, ପୂଜା କମିଟି ସଭ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ପ୍ରତିନିଧି, ସ୍କୁଲ ଓ କଲେଜ ର ଛାତ୍ରଛାତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପ୍ରମୁଖ ସାମିଲ ହେବେ ବୋଲି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଓଡ଼ିଶା ଗ୍ରାମ୍ୟ ନିର୍ମାଣ ୱାର୍କଚାର୍ଜଡ୍ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ଅଲ୍ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବ୍ରତ୍ଓଭର ୱାର୍କଚାର୍ଜଡ୍ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ୟୁନିଟ୍-୫ସ୍ଥିତ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଅଛି । ତା ୧୨.୦୪.୧୯୯୩ପୂର୍ବରୁ କାର୍ଯ୍ୟରତ ଏନ୍.ଏମ୍.ଆର / ଡି.ଏଲ.ଆର. / ଜବ କଣ୍ଟ୍ରାକ୍ଟର କର୍ମଚାରୀଙ୍କୁ ଅର୍ଥ ବିଭାଗ ରିଜୋଲ୍ୟୁସନ୍ ନଂ- ୨୨୭୬୪, ତାରିଖ ୧୫.୦୫.୧୯୯୭ ଅନୁସାରେ ବରିଷ୍ଠତା ଭିତ୍ତିରେ ରେଗୁଲାର ନିଯୁକ୍ତି ପାଇଁ ହୋଇଥିବା ନିୟମକୁ ଗ୍ରାମ୍ୟ ନିର୍ମାଣ ଇଂଜିନିୟରମାନେ ଚକ୍ରବ୍ୟୁହ ରଖି ଚୂଡାନ୍ତ ଗ୍ରେଡେସନ୍ ପ୍ରସ୍ତୁତିରେ ପ୍ରତିବନ୍ଧକ ସୃଷ୍ଟି କରି ଯୋଗ୍ୟ କର୍ମଚାରୀଙ୍କୁ ରେଗୁଲାର ନିଯୁକ୍ତି ପ୍ରକ୍ରିୟା ବନ୍ଦ କରିଥିବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଦୁଇଦଫା ଦାବି ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ତରଫରୁ ପୁନର୍ବାର ସରକାରଙ୍କୁ ଅବଗତ କରାଇବା ପାଇଁ ଏହି ଆଲୋଚନାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଅଛି । ଦାବିଗୁଡ଼ିକ ହେଲା (୧) ୩୦ ରୁ ୩୫ ବର୍ଷ ଅସ୍ଥାୟୀ ଚାକିରି କରିଥିବା ବ୍ରତଓଭର ୱାର୍କଚାର୍ଜଡ୍ ଓ ରେଗୁଲାର ଚାକିରୀ ସମୟକୁ ମିଶାଇ ପେନ୍ସନ୍ ପ୍ରଦାନ କରିବା (୨) ଅନ୍ୟ ଇଂଜିନିୟରିଂ ବିଭାଗର ପୂର୍ବ ଅବସର ୱେଜେସ୍ ପଦବୀରେ ୱାର୍କଚାର୍ଜଡ୍‌ଙ୍କୁ ଯେଉଁଭଳି ଭାବେ ରେଗୁଲାର ନିଯୁକ୍ତି କରାଯାଉଛି, ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗରେ ପୂର୍ବ ଅବସର ୱେଜେସ୍ ପଦବୀରେ ୱାର୍କଚାର୍ଜଡ୍‌କୁ ରେଗୁଲାର ନିଯୁକ୍ତି ଦିଆଯାଏ । ଏତଦ୍‌ବ୍ୟତୀତ ଦୀର୍ଘବର୍ଷ ପରେ ୨୦୧୧ ମସିହାରେ ଗ୍ରାମ୍ୟ ନିର୍ମାଣ ଡିଏଲ୍‌ଆରଙ୍କୁ ୱାର୍କଚାର୍ଜଡ୍ ଏଷ୍ଟାବ୍ଲିସ୍‌ମେଣ୍ଟକୁ ଅର୍ଥ ବିଭାଗର ୫୪୮୩/ଏଫ୍ ତା ୬.୩.୧୯୯୦ ଅନୁସାରେ ପାଞ୍ଚବର୍ଷ ୱାର୍କଚାର୍ଜଡ୍ ପରେ ରେଗୁଲାର କରାଯାଇ ୱାର୍କଚାର୍ଜଡ୍ ଚାକିରୀ ସହିତ ରେଗୁଲାର ଚାକିରୀ ମିଶାଇ ପେନସନ୍ ଦେବାକୁ ଏକକାଳୀନ ନିଷ୍ପତ୍ତି ଯାହା ନିଆଯାଇଥିଲା, ତାକୁ ସରକାର ଅବିଳମ୍ବେ ଗ୍ରହଣ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା । ତେଣୁ ସରକାରକର୍ମଚାରୀମାନଙ୍କର ଏହି ଦୁଇଦଫା ଦାବି ସହିତ ମାନ୍ୟବର ଉଚ୍ଚନ୍ୟାୟାଳୟରେ ଦାଏର ହୋଇଥିବା ମକଦ୍ଦମା ଡବ୍ଲୁପି (ସି) ନଂ- -୩୮୭୭୧ ଅଫ୍ ୨୦୨୦ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏସ୍.ଏଲ୍.ପି. ଡାଇରୀ ନଂ- (ଏସ୍) ୫୦୩୬୪/୨୦୨୩ର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ପେନସନ୍ ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ ସହିତ ସମସ୍ତ ସମଭାବାପନ୍ନ କର୍ମଚାରୀଙ୍କୁ ପେନ୍‌ସନ୍ ପରିସରଭୁକ୍ତ କରିବା ପାଇଁ ସଂଘର ପ୍ରସ୍ତାବ ପାରିତ ହୋଇଥିବା ସହ ଖୁବ୍‌ଶୀଘ୍ର ଏହି ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସଂଘର ସଭାପତି କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି ।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିଲେ। ଏଥିସହିତ ଜିଲ୍ଲାର ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ଗୁଡିକରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସାଲିସ୍ ଯୋଗ୍ୟ ଫୌଜଦାରୀ ମାମଲା ୨୨ଟି ପଞ୍ଜିକୃତ ହୋଇଥିବା ବେଳେ କୌଣସି ମାମଲାର ସମାଧାନ ହୋଇପାରିନାହିଁ। ୨୧୯ଟି ଚେକ୍ ବାଉନ୍‌ସ ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୯ଟି ସମାଧାନ କରାଯାଇଛି । ୧୪୨ଟି ଟଙ୍କା ପୁନରୁଦ୍ଧାର ମାମଲା ପଞ୍ଜିକୃତ ହୋଇଥିବା ବେଳେ ୩୨ଟିର ଫଇସଲା କରାଯାଇ ୮୮ଲକ୍ଷ ୩୦ହଜାର ୮୭୩ଟଙ୍କା ଆଦାୟ କରାଯାଇଛି। ୮ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୮ଟିର ଫଇସଲା କରାଯାଇ ୫୫ଲକ୍ଷ ୨୩ହଜାର ଟଙ୍କା ଆଦାୟ କରାଯାଇଛି । ୫୦୫ଟି ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ) ମାମଲା ପଞ୍ଜିକୃତ ହୋଇଥିବା ବେଳେ କୌଣସି ମାମଲାର ସମାଧାନ କରାଯାଇନାହିଁ। ୩୦ଟି ଜମି ଅଧିଗ୍ରହଣ ମାମଲା ପଞ୍ଜିକୃତ ହୋଇଥିବା ବେଳେ କୋଣସି ମାମଲାର ସମାଧାନ କରାଯାଇନାହିଁ । ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ନିକଟରେ ଥିବା ୨୬୧୨ଟି ରାଜସ୍ୱ ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୨୨ଟିର ଫଇସଲା କରାଯାଇ ୨ଲକ୍ଷ ୬୨ହଜାର ୮୭୨ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସେହିଭଳି ୧୫୩ଟି ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଓ ୮୯୦ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ କୌଣସି ମାମଲାର ସମାଧାନ କରାଯାଇନାହିଁ । ଏହା ବ୍ୟତୀତ ପ୍ରାକ୍ ମକଦ୍ଦମା ସ୍ତରୀୟ ବ୍ୟାଙ୍କ ଋଣ ବିବାଦ ୪ହଜାର ୫୨୯ଟି ମଧ୍ୟରୁ ୧୨୩୮ଟିର ଫଇସଲା କରାଯାଇ ୨କୋଟି ୬୦ଲକ୍ଷ ୧୫ହଜାର ୯୨୪ଟଙ୍କା ଆଦାୟ କରାଯାଇଛି । ସେହିପରି ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ(ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ) ୧୨ଟି ବିବାଦ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩ଟିର ଫଇସଲା କରାଯାଇ ୨୯ଲକ୍ଷ ୯୯ହଜାର ୮୩୫ଟଙ୍କା ଆଦାୟ କରାଯାଇଛି । ମୋଟ୍ ୯ହଜାର ୧୨୨ଟି ମାମଲା ପଞ୍ଜିକୃତ କରାଯାଇଥିବା ବେଳେ ସେଥିମଧ୍ୟରୁ ୩୮୦୨ଟି ମାମଲାର ଫଇସଲା କରାଯାଇ ୪କୋଟି ୩୬ଲକ୍ଷ ୩୨ହଜାର ୫୦୪ଟଙ୍କା ଆଦାୟ କରାଯାଇଛି । ଏହି ମାମଲା ଗୁଡିକ ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତି, ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଜ୍ଞାପରମିତା ରାଉଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସରିତା ମହାନ୍ତି, କେନ୍ଦ୍ରାପଡା ସିଭିଲ୍ ଜଜ୍ ସିନିୟର୍ ଡିଭିଜନ୍ ଅନ୍ନପୂର୍ଣ୍ଣା ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, କେନ୍ଦ୍ରାପଡା ସିଭିଲ୍ ଜଜ୍ ସିନିୟର୍ ଡିଭିଜନ୍ ରତୁପର୍ଣ୍ଣା ମିଶ୍ର, କେନ୍ଦ୍ରାପଡା ଏସଡିଜେଏମ୍ କୁମାର ସ୍ପନ୍ଦନ, କେନ୍ଦ୍ରାପଡା ସିଭିଲ୍ ଜଜ୍ ଜୁନିୟର୍ ଡିଭିଜନ୍ ସନ୍ଦୀପ କୁମାର ମହାନ୍ତି, କେନ୍ଦ୍ରାପଡା ଜେଏମ୍ଏଫ୍‌ସି ସସ୍ମିତା ସାହୁ, କେନ୍ଦ୍ରାପଡା ଜେଏମ୍ଏଫ୍‌ସି ଇପ୍ସିତା ପ୍ରିୟା ଏକ୍କା, ପଟ୍ଟାମୁଣ୍ଡାଇ ସିଭିଲ୍ କୋର୍ଟର ସହକାରୀ ସେସନ୍‌ସ ଜଜ୍ ତଥା ସିନିୟର୍ ସିଭିଲ୍ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକ, ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍‌ସି ବିଦ୍ୟୁତ୍‌ଲତା ପ୍ରଧାନ, ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍‌ସି ଡି.କେ. ବାଲ୍‌କ୍ରିଷ୍ଟନ, ରାଜନଗର ସିଭିଲ୍ କୋର୍ଟ ଗ୍ରାମ ନ୍ୟାୟାଳୟର ନ୍ୟାୟାଧିକାରୀ ତଥା ଜେଏମ୍ଏଫ୍‌ସି ଶିବାନୀ ମିଶ୍ର ଓ ଆଳି ସିଭିଲ୍ କୋର୍ଟର ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍‌ସି ଦେବନ ସତ୍ୟଦର୍ଶୀ ନନ୍ଦ ପ୍ରମୁଖ ବିଚାର କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray